ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1110/24-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୪ ଜାନୁଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟରେ କୋଭିଡ୍-୧୯ ଟୀକାକରଣ ଅଭିଯାନରେ ସମୁଦାୟ ୧.୫ ଲକ୍ଷ ହିତାଧିକାରୀ ଟୀକା ନେଇଥିବା ଓ ପ୍ରତି ନିୟୁତ ଲୋକସଂଖ୍ୟାରେ ୩୪୫୨.୮୧ ଜଣ ଟୀକା ଗ୍ରହଣ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ନିର୍ଦ୍ଧାରିତ ସମୟରେ ସମସ୍ତ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରି ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଟୀକାକରଣ ପ୍ରକ୍ରିୟାକୁ ସଫଳତାର ସହିତ ପରିଚାଳନା କରିପାରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି 'ଜାତୀୟ ଶିଶୁକନ୍ୟା ଦିବସ' ଅବସରରେ ପ୍ରତିଦିନ ସାମାଜିକ ପ୍ରତିବନ୍ଧକ ସତ୍ତ୍ୱେ ସେମାନଙ୍କର ସ୍ୱପ୍ନକୁ ସାକାର କରୁଥିବା ଝିଅମାନଙ୍କ ଉତ୍ସାହକୁ ପ୍ରେରଣା ପ୍ରଦାନ ଉଦ୍ଦେଶ୍ୟରେ ସମୟ ଦେବାକୁ ଆହ୍ୱାନ ଦେଇଛନ୍ତି । ସେମାନଙ୍କ ପ୍ରକୃତ ସାମର୍ଥ୍ୟ ବିଷୟରେ ଅବଗତ କରାଇବା ପାଇଁ ପ୍ରତ୍ୟେକ ପ୍ରତିବନ୍ଧକକୁ ହଟାଇବାରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆମକୁ ଦୃଢ଼ ରହିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି 'ଆନ୍ତର୍ଜାତିକ ଶିକ୍ଷା ଦିବସ' ଅବସରରେ କହିଛନ୍ତି ଯେ ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହା ପ୍ରତ୍ୟେକ ବ୍ୟକ୍ତି ଭିତରେ ଥିବା ପ୍ରକୃତ କ୍ଷମତାକୁ ଉନ୍ମୁକ୍ତ କରିଥାଏ । ଉଚ୍ଚସ୍ତରୀୟ ଗୁଣାତ୍ମକ ଶିକ୍ଷା ଦ୍ୱାରା ଆମ ଦେଶକୁ ଏକ ଉନ୍ନତ ବୌଦ୍ଧିକ ସମାଜରେ ରୂପାନ୍ତରିତ କରିବା ପାଇଁ ପ୍ରତିବଦ୍ଧ ହେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଖ୍ୟାତ ମଲ୍ଲଯୋଦ୍ଧା ଗୋପାଳକୃଷ୍ଣ ମହାପାତ୍ରଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି । ନିଜ ସଫଳତା ଦ୍ୱାରା କ୍ରୀଡ଼ା ଜଗତରେ ସେ ଛାଡ଼ି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ ରହିବ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ମୋ ସ୍କୁଲ' ଅଭିଯାନର ଅଂଶସ୍ୱରୂପ, ଓଡ଼ିଶାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସରକାରୀ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ଆଗକୁ ଆସିଛନ୍ତି । ଏହି

ଅଧିକାରୀମାନେ ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିକୁ ସୁନିଶ୍ଚିତ କରିବେ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦେଶରେ ପ୍ରଥମ ଥର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟ, ବିଧାନସଭାରେ ଉପସ୍ଥାପିତ ହେଉଥିବା ସତ୍ତ୍ୱେ, ସଂପୃକ୍ତ କାଗଜାତକୁ ସାର୍ବଜନୀନ କରିବ । ଏପରି ଅଭିଯାନ ସ୍ୱଚ୍ଛତା ଓ ପ୍ରତିବଦ୍ଧ ପ୍ରଶାସନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାରେ ଦୃଷ୍ଟାନ୍ତ ହେବ ବୋଲି ସେ କହିଛନ୍ତି ।

- ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପାଇକ ବିଦ୍ରୋହର ଅସାଧାରଣ କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଉଦ୍ଦେଶ୍ୟରେ ତାଙ୍କ ଶ୍ରାଦ୍ଧତିଥିରେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଐତିହାସିକ ପ୍ରଫେସର ଡ. ନାରାୟଣ ରାଓ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସଂପାଦକ ଡ. ଲେନିନ ମହାନ୍ତି ଓ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ । ମାନ୍ୟବର ବିଧାୟକ ଶ୍ରୀ ପ୍ରଶନ୍ତ ଜଗଦ୍ଦେବ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ମଧ୍ୟ ଭର୍ଚୁଆଲ୍ ଉପସ୍ଥିତି ପ୍ରଦାନ କରି ବକ୍ତବ୍ୟ ରଖିଥିଲେ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୫,୪୮,୪୨୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୪,୩୦୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୦,୯୬୨ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୩୮୦ ରହିଛି ।
- ୧,୩୮୦ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**